ଭୁବନେଶ୍ୱର ଓ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

**ଓଡ଼ିଶା ଏକ୍ସପ୍ରେସ୍**

ଭୁବନେଶ୍ୱର ୨୧ ଏପ୍ରିଲ ୨୦୧୮, ଶନିବାର

# ନବ ନିଯୁକ୍ତ ପିସିସି ସଭାପତିଙ୍କୁ ଯାଜପୁର ଜିଲ୍ଲା କଂଗ୍ରେସର ଅଭିନନ୍ଦନ

**ଯାଜପୁର : ଏକ୍ସପ୍ରେସ୍ ନ୍ୟୁଜ୍**

ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତିଭାବେ ନିଯୁକ୍ତ କରିଥିବାରୁ ଯାଜପୁର ଜିଲ୍ଲା କଂଗ୍ରେସ କମିଟି ତରଫରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯିବା ସହ ନବ ନିଯୁକ୍ତ ପିସିସି ସଭାପତିଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ଯାଜପୁର ଜିଲ୍ଲା କଂଗ୍ରେସ ତରଫରୁ ଜିଲ୍ଲା କାର୍ଯ୍ୟାଳୟଠାରେ ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଏ.ଆଇ.ସି.ସି. ସଭାପତିଙ୍କୁ କୃତଜ୍ଞତା ଜଣାଇବା ସହିତ ପରସ୍ପର ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରାଯିବା ସହ ଏହାକୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଡ଼ଭୋକେଟ୍ ପ୍ରତାପ ରାୟ, ବଳଭଦ୍ର ଦାସ, ଦିଗମ୍ବର କର, ବିଷ୍ଣୁଚରଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତ ନୂତନ ପିସିସି ସଭାପତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ନୂତନ ଗଣେଶ ବିଗ୍ରହ ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

**ବାଙ୍କୀ : ଏକ୍ସପ୍ରେସ୍ ନ୍ୟୁଜ୍**



ବାଙ୍କୀ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ମନ୍ଦିରରେ ନୂତନ ଗଣେଷ ବିଗ୍ରହ ପ୍ରତିଷ୍ଠା ନେଇ ମହାନଦୀ ନିକଟ ରେଣୁକା ତୁଠରୁ ସଂଗଠନର ମହିଳା ମଣ୍ଡଳୀ ବ୍ରାହ୍ମଣ ମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯିବା ପରେ କଳସ ଶୋଭାଯାତ୍ରା ବାଙ୍କୀ ନଗର ପରିକ୍ରମା କରାଯିବା ସହ ମନ୍ଦିର ଭାଇମାନଙ୍କ ଦ୍ୱାରା ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଭଜନ ଗାନ କରାଯାଇଥିଲା । ଏହି କଳସ ଶୋଭାଯାତ୍ରା ସାତଭାଗ ନିକଟସ୍ଥ ଶ୍ରୀ ସତ୍ୟସାଇ ମନ୍ଦିରରେ ପହଞ୍ଚିଥିଲା । ଗଣେଷ ଠାକୁରଙ୍କ ବିଗ୍ରହ ପ୍ରତିଷ୍ଠା କରାଯିବ ବୋଲି ମନ୍ଦିର ଆବାହକ ପ୍ରସନ୍ନ କୁମାର ପାଣିଗ୍ରାହୀ ପ୍ରକାଶ କରିଛନ୍ତି । ଏହି କଳସୀ ଶୋଭାଯାତ୍ରାରେ ସଂଗଠନ ସେବା ସଂଯୋଜକ ମନୋଜ କୁମାର ଦଳେଇ, ଆଧ୍ୟାତ୍ମିକ ସଂଯୋଜକ ସିଦ୍ଧାନ୍ତ ମହାପାତ୍ର, ମନ୍ଦିର ପୂଜକ ସୁବାଷ ପଣ୍ଡା, ବେଦପୁର ଭଜନ ମଣ୍ଡଳୀ ଆବାହକ ବିଦ୍ୟାଧର ନାୟକ, ରଞ୍ଜିତ ସେଠ, ସନ୍ତୋଷ ବେହେରା, ମମତା ମହାପାତ୍ର, ମନମଇ ମହାପାତ୍ର, ଟିକିନା ମହାପାତ୍ର, ସୁରେଶ ବେହେରା, ଯୁବ ସଂଯୋଜକ ମନୋଜ ବାରିକଙ୍କ ସହ ସଂଗଠନ ବାଲ୍ ବିକାଶ ପିଲାମାନେ ଉପସ୍ଥିତ ରହିଥିଲେ । ମନ୍ଦିର ଆବାହକ ପ୍ରସନ୍ନ କୁମାର ପ୍ରାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ପେନ୍ସନଭୁକ୍ତ ଶିକ୍ଷକଙ୍କ ସମସ୍ୟା ନେଇ ଆଲୋଚନା

**ଆସିକା : ଏକ୍ସପ୍ରେସ୍ ନ୍ୟୁଜ୍**

ଆସିକା ମା' ଖମ୍ବେଶ୍ୱରୀ କଲ୍ୟାଣ ମଣ୍ଡପ ଠାରେ ନୂତନ ପେନସନ ଭୁକ୍ତ (ଏନପିଏସ) ଶିକ୍ଷକ ସଂଘର ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବରିଷ୍ଠ ଶିକ୍ଷକ ଶରତ ଚନ୍ଦ୍ର ନାହାକଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଆସିକା ବ୍ଲକର ୨୭ଟି ପଞ୍ଚାୟତ, ୧୦୩ଟି ଗ୍ରାମରେ ଥିବା ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିବା ନୂତନ ପେନସନ ଭୁକ୍ତ (ଏନପିଏସ) ୮୪ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ପେନସନର ସମସ୍ତ ଧାରା ଉପଧାରା ପଠନ କରାଯାଇଥିଲା । ଏହି ପେନସନଭୁକ୍ତ ଶିକ୍ଷକ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । । ଉପସ୍ଥିତ ଥିବା ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କ ଦ୍ୱାରା ଉପଦେଷ୍ଟା ମଣ୍ଡଳି ଭାବେ ଏକ ୭ ଜଣିଆ ବରିଷ୍ଠ କମିଟି ଗଠନ ତଥା ଅଭିଜ୍ଞ, ଦାୟିତ୍ୱସମ୍ପନ୍ନ ଓ କର୍ତ୍ତବ୍ୟନିଷ୍ଠ ଶିକ୍ଷକମାନଙ୍କୁ ଚୟନ କରାଯାଇଥିଲା । ଏହାପରେ ଏକ ୨୧ ଜଣିଆ କମିଟି ଗଠନ କରାଯିବା ପରେ ଆସନ୍ତା ୨୯.୪.୨୦୧୮ ରେ ନୂତନ କର୍ମକର୍ତ୍ତା ଚୟନ ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

# ଓଡିଶା ଆଦର୍ଶ ବିଦ୍ୟାଳୟରେ ଦମକଳ ବାହିନୀର ମକ୍ ଡ୍ରିଲ



**ବେତନଟୀ : ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମୁକାବିଲା କରିବା ପାଇଁ ବେତନଟୀ ଦମକଳ ବାହିନୀ ତରଫରୁ ବେତନଟୀ ଥାନା ଅଧୀନ ଗରୁଡବସା ଓଡିଶା ଆଦର୍ଶ ବିଦ୍ୟାଳୟରେ ମକଡ୍ରିଲ କରା ଯାଇଛି । ଦମକଳ ଅଧିକାରୀ ବଳରାମ ଜେନାଙ୍କ ନେତୃତ୍ୱରେ ଆଇଏଫଏମ ଜଗବନ୍ଧୁ ଦାସ, ଉମାକାନ୍ତ ଦାସ, ନବୀନ କୁମାର ପାତ୍ର, ପୂର୍ଣ୍ଣଚନ୍ଦ୍ର ବେହେରା, ସୁଶାନ୍ତ କୁମାର ବେହେରା ଓ ସତ୍ୟଜିତ ସ୍ୱାଇଁ ଏହି ମକ ଡ୍ରିଲ କରାଇ ଥିଲେ । ଏବିଇଓ ରାଧାମୋହନ ଘୋଷମହାପାତ୍ର, ଏବିଇଓ କାଳିଚରଣ ମହାନ୍ତଙ୍କ ସହିତ ଓଡିଶା ଆଦର୍ଶ ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ ।

## ଜିଲ୍ଲା ପ୍ରଶାସନର ଅବହେଳା

# ଜିଲ୍ଲାପାଳ ଅଫିସ୍ ଘେରିଲା ଗାଁ ସାଥୀ ସଂଘ

**ନୂଆପଡ଼ା : ଏକ୍ସପ୍ରେସ୍ ନ୍ୟୁଜ୍**



ନୂଆପଡ଼ା ଜିଲ୍ଲାର ଗାଁ ସାଥୀମାନଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ଚରମ ଅବହେଳା କରୁଥିବା ଅଭିଯୋଗ ହୋଇଛି । ଏହାର ପ୍ରତିବାଦରେ ଜିଲ୍ଲା ଗାଁ ସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ ତରଫରୁ ଜିଲ୍ଲାପାଳ ଅଫିସ ଘେରାଉ କରିଥିଲେ । ଏନେଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ୩ ଦଫା ସମ୍ବଳିତ ଦାବିପତ୍ରକୁ ଡେପୁଟି କଲେକ୍ଟରଙ୍କୁ ପ୍ରଦାନ କରିଛନ୍ତି । ନୂଆପଡା ଜିଲ୍ଲା ଗାଁ ସାଥୀ ସଂଘର ଜିଲ୍ଲା ସଭାପତି ତୁକାରାମ ହିଆଲଙ୍କ ନେତୃତ୍ୱରେ ଶତାଧିକ ଗାଁ ସାଥୀ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଏକତ୍ରିତ ହୋଇଥିଲେ । ଜିଲ୍ଲା ପ୍ରଶାସନର ଅବହେଳାକୁ ନେଇ ଗାଁ ସାଥୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଚିଠି ନଂ ୧୩୮୪୫/ ୨୮.୭.୨୦୧୭ ଚିଠି ଅନୁଯାୟୀ ଜିଲ୍ଲାର ସମସ୍ତ ଗାଁ ସାଥୀଙ୍କ ଷ୍ଟାଟସ ରିପୋର୍ଟ ପ୍ରଦାନ କରିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଅଦ୍ୟାବଧି ଜିଲ୍ଲା ପ୍ରଶାସନ ତରଫରୁ ପଞ୍ଚାୟତରାଜ ବିଭାଗକୁ କୌଣସି ରିପୋର୍ଟ ଦିଆଯାଇନାହିଁ। ସେହିପରି ପଞ୍ଚାୟତିରାଜ ବିଭାଗ ଚିଠି ନଂ ୨୦୧୫/୧୭ ଅନୁଯାୟୀ ଗାଁ ସାଥୀ ବାବଦରେ ସ୍ୱତନ୍ତ୍ର ଏକ ମେଡ଼ାଲିଟି ପ୍ରସ୍ତୁତ କରି ବିଭାଗୀୟ ସଚିବ ସମେତ ସମସ୍ତ ଜିଲ୍ଲାପାଳ,ପିଡି ଡିଆରଡିଏ ଓ ବିଡିଓଙ୍କୁ ପଠାଇବା କଥା । ଏହା ପୁରୀ, ବରଗଡ଼ ଓ ସୋନପୁର ଜିଲ୍ଲାରେ ପ୍ରସ୍ତୁତ ହୋଇ ସାରିଛି । ଏହି ରିପୋର୍ଟକୁ ଗାଁ ସାଥୀ ସଂଘକୁ ପ୍ରଦାନ କରିବା ସହ ସମସ୍ତ ବିଡିଓଙ୍କୁ ପଠାଇବାକୁ ଅନୁରୋଧ କରିଥିଲେ। ସେହିପରି ମନରେଗା ଯୋଜନା ହେଉଥିବା କାମରେ ଗାଁ ସାଥି ମାନଙ୍କୁ ସଠିକ ରୁପେ ପ୍ରାପ୍ୟ ମିଳୁନାହିଁ। ସେମାନେ କେତେ ପ୍ରାପ୍ୟ ପାଇବା କଥା କେତେ ପାଇଛନ୍ତି ତାର ସଠିକ ତଥ୍ୟ ନାହିଁ। ସେହି ଦୃଷ୍ଟିରୁ ଏକ ମନିଟରଙ୍ଗ କମିଟି ଗଠନ କରାଯାଉ ଓ ଉକ୍ତ କମିଟିରେ ଆମ ସଂଘ ୨ ଜଣକୁ ସଭ୍ୟକୁ ସାମିଲ କରି ଘଟଣା ତଦନ୍ତ କରିବାକୁ ଦାବି ଉପସ୍ଥାପନ କରିଥିଲେ । ଉକ୍ତ ସମ୍ବଳିତ ଦାବିପତ୍ରକୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଡେପୁଟି କଲେକ୍ଟର ପ୍ରଦୀପ କୁମାର ବେହେରାଙ୍କୁ ପ୍ରଦାନ କରିଥିଲେ। ଏଠାରେ ଜିଲ୍ଲା ଗାଁ ସାଥୀ ସଂଘର ଯୋଗେନ୍ଦ୍ର ବାଗ, ନିର୍ଭୟ ସିଂ ବାରିକ, ପବିତ୍ର ପ୍ରଧାନ, ଜୟରାମ ମାଝି, ନମିତା ଦୀପ ପ୍ରମୁଖଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ । ତୁରନ୍ତ ସମସ୍ତ ଦାବି ପୂରଣ ନହେଲେ ଆଗାମୀ ଦିନରେ ଜିଲ୍ଲା ଗାଁ ସାଥୀ ସଂଘ ତରଫରୁ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଧାରଣା ଦେବାକୁ ଜିଲ୍ଲା ପ୍ରଶାସନକୁ ଚେତାବନୀ ଦେଇଛନ୍ତି ।

# ଶ୍ରେଷ୍ଠ ସାମାଜିକ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

**ପାରାଦୀପ ଏକ୍ସପ୍ରେସ୍ ନ୍ୟୁଜ୍**



ଚଳିତ ବର୍ଷ ବିଶ୍ୱାଳୀ ଗ୍ରାମର ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ପରିଷଦ ରାଜ୍ୟର ଶ୍ରେଷ୍ଠ ସାମାଜିକ ଅନୁଷ୍ଠାନ ରୂପେ କୃତିତ୍ୱ ହାସଲ କରିଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି । ପବିତ୍ର ଅକ୍ଷୟ ତୃତୀୟ ଦିନ ନବୀନ ନିବାସରୁ ମୁଖ୍ୟମନ୍ତ୍ରୀ ଅନୁଷ୍ଠାନର ପ୍ରଚେଷ୍ଟା ଓ ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ପରିଷଦ ତାର ସାମାଜିକ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାକୁ ପରାମର୍ଶ ଦେଇଥିଲେ । ଚଳିତ ବର୍ଷ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ 'କେନ୍ଦ୍ର ଯୁବ କଲ୍ୟାଣ ଓ କ୍ରୀଡା ମନ୍ତ୍ରଣାଳୟ ଦ୍ୱାରା ଓଡିଶାର ଶ୍ରେଷ୍ଠ ସାମାଜିକ ଅନୁଷ୍ଠାନରୂପେ ପୁରସ୍କୃତ ହୋଇଛି । ଗତ ମାର୍ଚ୍ଚ ୨୭ ତାରିଖରେ ଜଗତସିଂହପୁର ଜିଲ୍ଲାପାଳ ଏହି ପୁରସ୍କାର ପ୍ରଦାନ କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡିଶାର ଯୁବଶକ୍ତି ତାଙ୍କର ଦକ୍ଷତା ବଳରେ ଅନେକ କିଛି ଉଲ୍ଲେଖନୀୟ କାର୍ଯ୍ୟ କରି ସଫଳତା ଆଣିପାରିବେ ବୋଲି ପରିଷଦର ସଭ୍ୟମାନଙ୍କୁ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଅନୁଷ୍ଠାନର ଏହି ସଫଳତା ପାଇଁ ଗର୍ବିତ ଓ ଭବିଷ୍ୟତରେ ଏହାକୁ ବଜାୟ ରଖିବା ପାଇଁ ଆଶା ପ୍ରକଟ କରିଥିଲେ । ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ଇଂ ଅମରେଶ ନରେଶ ସାମନ୍ତ, ଦିଲ୍ଲୀପ କୁମାର ପଲାଇ, ପ୍ରଦୀପ ପରିଡା, ଅରବିନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଠାରୁ ଶୁଭେଚ୍ଛା ଓ ଅଭିନନ୍ଦନ ଗ୍ରହଣ କରିଥିଲେ ।

# ଜିଲ୍ଲାସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଓ ପୁସ୍ତକ ମେଳା ଉଦ୍‌ଘାଟିତ୍

**ଭଦ୍ରକ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପ୍ରସାଶନ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଓ ପୁସ୍ତକମେଳାକୁ ଜିଲ୍ଲାପାଳ ଜ୍ଞାନ ଦାସ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଏହି ଉଦ୍ଘାଟନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ଶ୍ୟାମଭକ୍ତ ମିଶ୍ର , ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୁଦନ ମିଶ୍ର ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ,କର୍ମଚାରୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଏହି ଉତ୍ସବ ଏପ୍ରିଲ୍ ୧୯ ତାରିଖରୁ ୨୨ତାରିଖ ପର୍ଯ୍ୟନ୍ତ ଦିବା ଦୁଇ ଘଟିକାଠାରୁ ରାତ୍ର ଦଶ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ମେଳାରେ ଜିଲ୍ଲା ବାହାର ଜିଲ୍ଲାରୁ ବିଭିନ୍ନ ହସ୍ତଶୀଳ୍ପ ସାମଗ୍ରୀ ପ୍ରଦର୍ଶନୀ ମେଳାରେ ଷ୍ଟଲ ଖୋଲାଯାଇଛି। ସେହିପରି ରାଜ୍ୟର ବିଭିନ୍ନ ପ୍ରତିଷ୍ଠିତ ପୁସ୍ତକ ପ୍ରକାଶନ ଓ ବିକ୍ରେତାଙ୍କ ପକ୍ଷରୁ ପୁସ୍ତକ ଷ୍ଟଲଗୁଡ଼ିକ ଖୋଲାଯାଇଛି। ଏହି ହସ୍ତଶୀଳ୍ପ ପ୍ରଦର୍ଶନୀ ଓ ପୁସ୍ତକ ମେଳାରେ ଖୋଲା ଯାଇଥିବା ଷ୍ଟଲ ଗୁଡ଼ିକ ପକ୍ଷରୁ ରିହାତି ଦରରେ ଗ୍ରାହକମାନଙ୍କୁ ବିକ୍ରି କରାଯିବ। ଭଦ୍ରକ ସହର ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଲୋକମାନେ ଏହି ମେଳାରେ ବୁଲି ଦେଖିବା ସହ ଆବଶ୍ୟକୀୟ ଜିନିଷପତ୍ର ଓ ପୁସ୍ତକ କିଣାବାର ସୁଯୋଗ ନେବାକୁ ଅନୁରୋଧ କରାଯାଇଛି। ଏହି ଅବସରରେ ଜିଲ୍ଲାପ୍ରଶାସନ ପକ୍ଷରୁ ଉତ୍କଳ ଦିବସରେ ଓଡିଆଭାଷା କାର୍ଯ୍ୟକାରିତାକୁ ନେଇ ପ୍ରଶାସନିକ କର୍ମଚାରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ପ୍ରଥମ,ଦ୍ୱିତୀୟ ଓ ତୃତୀୟସ୍ଥାନ ଅଧିକାର କରିଥିବା କର୍ମଚାରୀଙ୍କୁ ଜିଲ୍ଲାପାଳ ମାନପତ୍ର , ପ୍ରଶାସନିକ ଶ୍ରେଷ୍ଠକୋଷ ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁଚନା ଓ ଲୋକସଂପର୍କ ଅଧିକାରୀ ଗୋଲଖଚନ୍ଦ୍ର ବେହେରା,ଓରମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଗୁଣ୍ଠିତା ବେହେରା, ଜିଲ୍ଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ଅଭୟ କୁମାର ନାୟକ ଓ ସହକାରୀ ଜିଲ୍ଲାପଳ ସୌମ୍ୟଶ୍ରୀ ପ୍ରାଣୀଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ।

# ଜିଆଇଇଟି ଘଙ୍ଗାପାଟଣା ପକ୍ଷରୁ ଜଳଛତ୍ର




**ଭୁବନେଶ୍ୱର : ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନେଶ୍ୱର ସ୍ଥିତ ଗାନ୍ଧୀ ଇନଷ୍ଟିଚ୍ୟୁଟ୍ ଅଫ୍ ଏକ୍ସଲେଣ୍ଟ ଟେକ୍ନାକ୍ରାଟ୍ସ (ଜିଆଇଇଟି)ର ଏନ୍‌ଏସ୍‌ଏସ୍ ଶାଖା ତରଫରୁ ଏକ ଜଳଛତ୍ର କାର୍ଯ୍ୟକ୍ରମ ନୂଆଗାଁ କାଟେଣି ରାସ୍ତା ର ରେଭିନିୟୁ ଅଫିସର୍ସ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ ଠାରେ ଜଳଛତ୍ର ଶିବିର ତା ୧୭.୦୪.୨୦୧୮ ରେ ଉଦଘାଟିତ ହୋଇଯାଇଛି । ଗାନ୍ଧୀ ଗ୍ରୁପ ଚେୟାରମ୍ୟାନ୍ ଡକ୍ଟର ସତ୍ୟପ୍ରକାଶ ପଣ୍ଡାଙ୍କ ଦିଗଦର୍ଶନ ଓ ଅନୁଷ୍ଠାନ ର ଭାଇସ୍ ଚେୟାରମ୍ୟାନ ଇଂ ରାମନାରାୟଣ ସାବତ ଙ୍କ ପୃଷ୍ଠପୋଷକତା ରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରିନ୍ସପାଲ ପ୍ରଫେସର ସତ୍ୟପ୍ରକାଶ ଦାସ ଉଦଘାଟନ କରି ଜଳ ସଂରକ୍ଷଣ ର ମହତ୍ୱ ସଂପର୍କରେ ଆଲୋକପାତ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମ ରେ ରେଜିଷ୍ଟ୍ରାର୍ ଉତ୍କଳ ରଞ୍ଜନ ଦାସ, ଏଓ ଜତୀନ୍ଦ୍ର କୁମାର ମିଶ୍ର, ଡିଜିଏମ୍ ହେମୋ ଚନ୍ଦ୍ର ଜେନା ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଏନ୍‌ଏସ୍‌ଏସ୍ ସଂଯୋଜକ ପ୍ରଫେସର ଜ୍ୟୋତିରାଜ ପଦ୍ମନ ଆଚାର୍ଯ୍ୟ, ସଭ୍ୟ ବିଶ୍ୱ ରଞ୍ଜନ ବେହେରା, ସଭ୍ୟା ପ୍ରଫେସର ମନୋରମା ସୁବୁଦ୍ଧି, ଅନନ୍ତ ମିଶ୍ର, ରାକେଶ ଶର୍ମା, ଅମରେଶ ଶତପଥି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବାସିନ୍ଦା ଓ ଓଡ୍ରାଫ୍ଟର କ୍ୟାଡେଟ୍‌ମାନେ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ ।

# ଦାଦନ ଓ କୃଷି ସମସ୍ୟାକୁ ନେଇ ଅନଶନ



**ନୂଆପଡ଼ା ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡ଼ା ଜିଲ୍ଲାରେ ଦାଦନ ଓ କୃଷି ସମସ୍ୟାର ସମାଧାନ ଦାବିରେ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଗରିବ ସେନା ତରଫରୁ ଚାଲିଥିବା ଅନଶନ ଏଡିଏମ ତ୍ରିଲୋଚନ ମିଂଜଙ୍କ ନିର୍ଭର ପ୍ରତିଶ୍ରୁତି ମିଳିବାରୁ ଅନସନ ପ୍ରତ୍ୟାହୃତ ହୋଇଛି । ଜିଲ୍ଲାର ସମସ୍ତ ଦାଦନ ଶ୍ରମିକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ସହିତ ଅନ୍ୟାନ୍ୟ ସରକାରୀ ସହାୟତା ପ୍ରଦାନ, ମୃତକ ସୀଆରାମ ନାଏକଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରି ଦାଦନ ସଦାରଙ୍କ ନାଁରେ ହତ୍ୟା ମାମଲା ରୁଜୁ କରି ଗିରଫ କରିବା, କୋମନା ବ୍ଲକ ପଲସିପାଣି ଓ ସାଲେପଡା ଗାଁର ଦୁଇ ଆଇଟିଆଇ ଛାତ୍ରଙ୍କ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବା, ତରବୋଡ ଓ ଠିକପାଲି ପଞ୍ଚାୟତର ମନରେଗା ଦୁର୍ନିତିର ନିରପେକ୍ଷ ତଦନ୍ତ କରି ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ମନରେଗାରେ କାମ କରିଥିବା ଶ୍ରମିକଙ୍କୁ ତୁରନ୍ତ ପାଉଣା ପ୍ରଦାନ, ଜିଲ୍ଲାରେ କୃଷି ଭିତ୍ତିକ ପ୍ରତିଷ୍ଠାନ ସହିତ ଚାଷୀଙ୍କ ଜଳ ସେଚନ ସୁବିଧା ଭଳି ୧୪ ଦଫା ଦାବି ଉପସ୍ଥାପନା କରି ଗତ ୧୧ ତାରିଖରୁ ଅନଶନ ଆରମ୍ଭ କରିଥିଲେ । ଏଡିଏମ ଅନଶନସ୍ଥଳକୁ ଆସି ସମସ୍ତ ଦାବି ଉପରେ ବହୁତ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇଥିଲେ । ଏଥିରେ ଅନସନକାରୀ ଗରିବ ସେନା ସଭାପତି ରବି ମଙ୍ଗରାଜ ରାଜି ହେବାରୁ ଏଡିଏମ ମିଞ୍ଜ ଥଣ୍ଡା ପାନୀୟ ଜଳ ଦେଇ ଅନଶନ ଭାଙ୍ଗି ଥିଲେ । ଏଠାରେ ସଦର ଥାନା ଆଇଆଇସି ଦୁର୍ଗାମାଧବ ପ୍ରଧାନ, ଦଳିତ ଅଧିକାର ମଞ୍ଚ ସଭାପତି କମଲ ଚରଣ ତାଣ୍ଡି, ଦଳିତ ନେତା ଜ୍ୟୋତିଲାଲ ବଂଜାରେ, କିଶୋର ବାଗ, ବାଲେଶ୍ୱର ସାହୁ, ରାହୁଲ ବାଗ, ଏମଡି ସହାରୁଖ ଖାନ, ଇଚ୍ଛା ବାଗ, ଦିନେଶ ଦଣ୍ଡସେନା, ସୁରଜ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ୭ ଦିନ ଭିତରେ ସମସ୍ତ ଦାବି ପୂରଣ ନହେଲେ ଆଗାମୀ ଦିନରେ ପୁଣି ଆନ୍ଦୋଳନ କରାଯିବ ବୋଲି ଗରିବ ସେନା ସଭାପତି ରବି ମଙ୍ଗରାଜ ଜିଲ୍ଲା ପ୍ରଶାସନକୁ ଚେତାବନୀ ଦେଇଛନ୍ତି ।

## ଜିଲ୍ଲାସ୍ତରୀୟ ରବି ଧାନ କ୍ରୟ ବୈଠକ

# ୯ରୁ ଧାନ କିଣା ଆରମ୍ଭ : ୨.୫ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ

**ନୂଆପଡ଼ା : ଏକ୍ସପ୍ରେସ୍ ନ୍ୟୁଜ୍**




ନୂଆପଡ଼ା ଜିଲ୍ଲା ସଦଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ରବି ଧାନ କ୍ରୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଡ.ପୋମା ଟୁଡୁଙ୍କ ଅଧ୍ୟକ୍ଷତା ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ ମୁଖ୍ୟ ଅତିଥି, ଜିଲ୍ଲା ଯୋଗାଣ ଅଧିକାରୀ ଅଶୋକ କୁମାର ଦାସ,ବିଧାୟକ ପ୍ରତିନିଧି ଖାମସିଂ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଚଳିତ ଖରିପ ଧାନ କିଣା ଆସନ୍ତା ୯ ତାରିଖରୁ ଆରମ୍ଭ କରିବାକୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଛି । ଚଳିତ ବର୍ଷ ଜିଲ୍ଲାର ୯ ହଜାର ଏକର ଜମିରେ ରବି ଧାନ ଚାଷ ହୋଇଛି । ଏଥିରୁ ଜିଲ୍ଲାରେ ୨ ଲକ୍ଷରୁ ୨.୫ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ ହେବାର ଅନୁମାନ କରାଯାଇଥିବା କୃଷି ବିଭାଗ ସର୍ଭେରୁ ଜଣା ପଡିଛି । ଚଳିତ ରବି ଋତୁ ପାଇଁ ଜିଲ୍ଲା ୨୬ଟି ପେକ୍ସରେ ଚାଷୀରେ ଧାନ ବିକ୍ରି ପାଇଁ ପଂଜିକୃତ ହୋଇଛନ୍ତି । ବେ ସୁଦ୍ଧା ପଞ୍ଜିକରଣ ଚାଲୁ ରହିଛି । ଡିପ ବୋରୱେଲ, ମେଗା ଲିଫ୍ଟ ଏରିଗେସନରେ ଚାଷ କରିଥିବା ଚାଷୀ ମଧ୍ୟ ମଣ୍ଡିରେ ଧାନ ବିକ୍ରି ପାଇଁ ପଞ୍ଜିକରଣ କରି ପାରିବେ । ଖରା ଦିନ ହୋଇଥିବାରୁ ସମସ୍ତ ମଣ୍ଡିରେ ଚାଷୀ ଓ ଶ୍ରମିକଙ୍କ ପାଇଁ ବିଶ୍ରାମ ଘର ଓ ପାନୀୟ ଜଳର ବ୍ୟବସ୍ଥା କରାଯିବ । ଆଗାମୀ ଦିନରେ ଚାଷୀଙ୍କ ପଞ୍ଜିକୃତ ସଂଖ୍ୟାକୁ ଦୃଷ୍ଟିରେ ରଖି ରବି ଧାନ ସଂଗ୍ରହ ପାଇଁ ମଣ୍ଡି ସ୍ଥିର କରାଯିବ । ଚଳିତ ବର୍ଷ ସୁରୁଖୁରୁରେ କେମିତି ଧାନ ସଂଗ୍ରହ ହୋଇ ପାରିବ ସେଥି ପାଇଁ ବିଶେଷ ଧ୍ୟାନ ଦିଆଯିବ ବୋଲି ଜିଲ୍ଲାପାଳ ଡ.ଟୁଡୁ କହିଥିଲେ । ବୈଠକରେ ଜିଲ୍ଲାରେ ଗନି ବେଗର ସମସ୍ୟା ଦେଖା ଦେଇଥିବା ଅଭିଯୋଗ କରିଥିଲେ । ସମସ୍ତ ପ୍ୟାକ୍ସକୁ କହି ଗନି ବେଗ ସଂଗ୍ରହ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ବୈଠକରେ ଡିଡିଏ ଉମେଶ ଚନ୍ଦ୍ର ଦାସ, ଆରଏମସି ସମ୍ପାଦକ ପ୍ରଫୁଲ୍ଲ ମହାନନ୍ଦ, ଡେପୁଟି କଲେକ୍ଟର ଅଜୟ ଚାନ୍ଦ, କୋମନା ଅତିରିକ୍ତ ତହସିଲଦାର ଲୋକନାଥ ଶବର, ଚାଷୀ ଭାରତଲାଲ ରାଉତ ପ୍ରମୁଖଙ୍କ ସମେତ ମିଲର୍ସ, ଚାଷୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ନିର୍ମାଣ ଶ୍ରମିକ ସେବା ସପ୍ତାହ

**ନୂଆପଡ଼ା ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡ଼ା ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ମିଳିତ ଭାବେ ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ସେବା ସପ୍ତାହ ପାଳନ ହୋଇଯାଇଛି । ଜିଲ୍ଲା ଶ୍ରମ ଅଧିକାରୀ ଶରତ ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଜିଲ୍ଲା ପରିଷଦ ଅଧକ୍ଷା ନମିତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ତ୍ରିଲୋଚନ ମିଞ୍ଜ, ନୂଆପଡ଼ା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ଖଡ଼ିଆଳ ବ୍ଲକ ଅଧକ୍ଷ ବାଳକୃଷ୍ଣ ଶବର, ସଂଜୟ ତିୱାରୀ, ପପୁ ଠାକୁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ନିର୍ମାଣ ଶ୍ରମିକମାନଙ୍କ ପାଇଁ ସରକାର ବହୁତ ଯୋଜନା କରିଛନ୍ତି । ଏଣୁ ସମସ୍ତ ଶ୍ରମିକ ପଞ୍ଜିକୃତ ହୋଇ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଗଲେ ସରକାରଙ୍କ ମସ୍ତ ସୁବିଧା ସୁଯୋଗ ପାଇ ପାରିବେ ବୋଲି ଅତିଥିମାନେ ଶ୍ରମିକମାନଙ୍କୁ ପରାମର୍ଶ ଦେଇଥିଲେ । ପଞ୍ଜିକୃତ ଚିହ୍ନଟ ନିର୍ମାଣ ଶ୍ରମିକଙ୍କୁ ଶ୍ରମ ବିଭାଗ ପକ୍ଷରୁ ସାଇକେଲ ବଣ୍ଟନ କରା ଯାଇଥିଲା।

# ଡିଆଇଇଟିରେ ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟନ

**ନୂଆପଡ଼ା ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡ଼ା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଠାରେ ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନୂତନ ଶ୍ରେଣୀ ଗୃହ ଉଦ୍ଘାଟିତ ହୋଇ ଯାଇଛି । ପ୍ରତିଷ୍ଠାନର ଅଧ୍ୟକ୍ଷ ବୃନ୍ଦାବନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଜିଲ୍ଲାପାଳ ଡ.ପୋମା ଟୁଡୁ ମୁଖ୍ୟ ଅତିଥି,ଜିଲ୍ଲା କୋଷାଗାର ଅଧିକାରୀ ସଂଗ୍ରାମ କେଶରୀ ସାମନ୍ତରାୟ ମୁଖ୍ୟ ବକ୍ତା, ଶିକ୍ଷା ବିତ ଡ.ଶିବ ପ୍ରସାଦ ବେହେରା, ଡିଇଓ ଲକ୍ଷ୍ମଣ ଭୋଇ,ପ୍ରଶିକ୍ଷକ ପ୍ରବୋଧ ହୋତା,ଛାତ୍ର ସଂଘ ସଭାପତି ବିଭୁତି ଭୁଷଣ ପୋଡ,ସମ୍ପାଦକ ଟଙ୍କଧର ହେର୍ଣ୍ଣା ପ୍ରମୁଖ ମଞ୍ଚାସୀନ ଥିଲେ ।

# ଦେଶର ଦ୍ୱିତୀୟ ତଥା ରାଜ୍ୟର ପ୍ରଥମ ରୁକ୍ମିଣୀ ମନ୍ଦିରର ପ୍ରତିଷ୍ଠା

**ବ୍ରହ୍ମପୁର : ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ରହ୍ମପୁର ଗୋସାଇଁନୁଆଗାଁ ମୁଖ୍ୟ ରାସ୍ତାରେ ନିର୍ମାଣ ହୋଇଛି ଗୋକୁଳଧାମ ମନ୍ଦିର । ଏହି ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ଗତ ୧୫ତାରିଖ ଠାରୁ ଆରମ୍ଭ ହୋଇ ୧୯ତାରିଖରେ ପୂର୍ଣ୍ଣାହୁତି ହୋଇଛି । ପ୍ରତିଷ୍ଠା ଉତ୍ସବର ପ୍ରଥମ ଦିନରେ ସହସ୍ରାଧିକ ମହିଳାଙ୍କ କଳସ ଯାତ୍ରା ଆୟୋଜିତ ହୋଇଥିଲା । ରତ୍ନମୁଦ ଦିଆଯିବାପରେ ଏକ ବିରାଟ ପଟୁଆରରେ ସୁମେରୁ ପୀଠ ବାରଣାସୀ ଶଙ୍କରାଚାର୍ଯ୍ୟ, ପୁରୀ ମୁଖ୍ୟ ଦଇତାପତି ଓ ମହୁରିଗଡ ରାଜାଙ୍କୁ ପାଛୋଟି ଅଣାଯାଇଥିଲା । ତିନି ଜଣ ଅତିଥିଙ୍କ ଦ୍ୱାରା ପ୍ରଥମ ଆଳତୀ ପୂଜାର୍ଚ୍ଚନା ପରେ ଶ୍ରୀ ବିଗ୍ରହଙ୍କ ଦର୍ଶନ ସୁଯୋଗ ମିଳିଥିଲା ସାଧାରଣ ଭକ୍ତଙ୍କୁ । ବ୍ରହ୍ମପୁରର ଏହି ଗୋକୁଳଧାମର ବିଶେଷତ୍ୱ ହେଉଛି ସବୁଠାରେ ଶ୍ରୀକୃଷ୍ଣଙ୍କ ସହିତ ତାଙ୍କ ପ୍ରେମିକା ରାଧାଙ୍କୁ ପୂଜା କରାଯାଉଥିଲେ ହେଁ ଏଠାରେ କେବଳ ବୃନ୍ଦାବନ ଭଳି ଶ୍ରୀକୃଷ୍ଣଙ୍କ ସହିତ ଉଭୟ ରାଧା ଓ ପତ୍ନୀ ରୁକ୍ମିଣୀଙ୍କୁ ପ୍ରତିଷ୍ଠା କରାଯାଇଛି । ଏହି ମନ୍ଦିର ୨୨ହଜାର ବର୍ଗଫୁଟ ପରିମିତ ଜମିରେ ନିର୍ମାଣ କରାଯାଇ ଥିବାବେଳେ ମନ୍ଦିରର ଉଚ୍ଚତା ୯୫ଫୁଟ ।

# ବିଶ୍ୱ ଭ୍ରାତୃତ୍ୱ ଭାବ ପ୍ରତିଷ୍ଠା ପାଇଁ ଆହ୍ୱାନ

**ଭଦ୍ରକ : ଏକ୍ସପ୍ରେସ୍ ନ୍ୟୁଜ୍**

ସଂସ୍କୃତି ଭବନରେ ଭଦ୍ରକ ଅହେମଦିଆ ମୁସ୍‌ଲିମ ଜମାତ ଆନୁକୁଲ୍ୟରେ 'ଶାନ୍ତି ଓ ଭ୍ରାତୃତ୍ୱ' ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ଜନାବ ଜଇନୁଦ୍ଦିନ ହାମିଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ବକ୍ତା ଭାବେ ମୌଲବୀ ସୟଦ କଲିମୁଦ୍ଦିନ ଅହେମ୍ମଦ ଯୋଗ ଦେଇଥିବା ବେଳେ ଆଲୋଚକ ଭାବେ ମୌଲବୀ ଇସ୍‌ମାଇଲ ଅହେମ୍ମଦ ଖାଁ ଯୋଗ ଦେଇ ଇସ୍‌ଲାମ ଓ ହିନ୍ଦୁ ଧର୍ମ ପୁସ୍ତକ ମାନଙ୍କରୁ ଶାନ୍ତି ଏବଂ ଭ୍ରାତୃତ୍ୱ ପ୍ରତିଷ୍ଠା ହେବା ପାଇଁ ବିଭିନ୍ନ ଉଦାହରଣ ଦେଇ ପ୍ରତ୍ୟେକ ମଣିଷ ଧର୍ମାନ୍ଧ ନ ହୋଇ ବାସ୍ତବିକ ଜୀବନରେ ଧର୍ମ ପରାୟଣ ହେଲେ ସମାଜରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ହୋଇ ପାରିବ। ଯେଉଁଠାରେ ଶାନ୍ତି ରହିଥାଏ ସେଠାରେ ଭ୍ରାତୃତ୍ୱ ଭାବର ପ୍ରରିପ୍ରକାଶ ହୋଇଥାଏ ବୋଲି ମତ ପ୍ରକଟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଏମ୍.ଏ.ନବୀ, ପ୍ରଫେସର ଝରଣା ପଟ୍ଟନାୟକ, ପ୍ରଫେସର କମଳାକାନ୍ତ ସ୍ୱାଇଁ, ଆଇନଜୀବୀ ରାଧାରାଣୀ ମହାପାତ୍ର, ଇଂ ଅଭୟ ସୂତାର, ସମାଜସେବୀ ଅଜୟ ନାୟକ, ଚିନ୍ମୟ ଦାସ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ । ଅନ୍ୟ ପ୍ରମୁଖ ବ୍ୟକ୍ତିଙ୍କ ମଧ୍ୟରେ ପ୍ରଫେସର ରାଧା ବିନୋଦ ନାୟକ, ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ସମାଜସେବୀ ଏସ୍,ଏମ୍ ଫାରୁକ, ସୁଧାକର ରାଉତ, ଲାଲା ଜଗଦୀଶ ରାୟ, ଡ. ସୁଦର୍ଶନ ବାରିକ, ପ୍ରଦିପ୍ତ କର, ହରୀ ନନ୍ଦୀ, ସେକ ଅବଦୁଲ କାଦର ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଭଦ୍ରକ ଜମାତ୍‌ର ସଭାପତି ମୋବାରକ ଅହେମଦ୍ ସାହା, ଉପସଭାପତି ଗୋଲାମ ମହମ୍ମଦ ପରିଚାଳନା କରିଥିଲେ । ଏଥିରେ ଜମାତ୍‌ର ଅନ୍‌ସାର ଖୁଦ୍ଦାମ ଓ ଅତ୍‌ଫାଲ ସହଯୋଗ କରିଥିଲେ ।

# ଭାଗବତ ପ୍ରଚାର ସମିତିର ସ୍ଥାୟୀ ଗୃହ ଦାବି

**କୁଜଙ୍ଗ : ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ୨୦୧୧ମସିହାରୁ ପ୍ରତ୍ୟେକ ବର୍ଷ ରାହାମାର କଲେଜ ସମ୍ମୁଖ ଭାଗ ପଡିଆରେ ଭାଗବତ ପ୍ରଚାର ପ୍ରସାର ସମିତି ତରଫରୁ ଶ୍ରୀମଦ ଭାଗବତ ପାରାୟଣ ଜ୍ଞାନଯଜ୍ଞ ୭ଦିନ ବ୍ୟାପି ଅନୁଷ୍ଠିତ ହୋଇଆସୁଛି । ସେହି ସମୟରେ ଏହାର ଆୟୋଜକବୃନ୍ଦ ଏବଂ ପ୍ରବଚନ ଦେବାକୁ ଆସୁଥିବା ପ୍ରବଚକମାନେ ସ୍ଥାନିୟ ମହାବିଦ୍ୟାଳୟ କିମ୍ବା ଉଚ୍ଚବିଦ୍ୟାଳୟ ପରିସରରେ ଧାର୍ମିକ କାର୍ଯ୍ୟ ସମ୍ପାଦନ କରିଥାନ୍ତି। ନିତ୍ୟ ଭାଗବତ ପଠନ, ପର୍ବପର୍ବାଣିରେ ଭଗବତ ପୂଜନ ଓ ଶାସ୍ତ୍ର ଆଲୋଚନା ଲାଗି ସ୍ଥାୟି ଗୃହର ଆବଶ୍ୟକ ଥିବା ରାହାମା ଅଞ୍ଚଳର ବୁଦ୍ଧିଜୀବୀ ଅନୁଭବ କରୁଛନ୍ତି। କୁଜଙ୍ଗ ବ୍ଲକପ୍ରଶାସନ ତରଫରୁ ସ୍ଥାୟୀ ଗୃହ ନିର୍ମାଣ ନିମନ୍ତେ ଏକ ସରକାରି ଜାଗା ଯୋଗାଇ ଦିଆଯିବାଲାଗି ସାଧାରଣରେ ମତପ୍ରକାଶ ପାଉଛି ।

# ନୂଆ କୋର୍ଟ ବିଲ୍ଡିଂକୁ ଉଦ୍‌ଘାଟନ କରିବେ ପ୍ରଧାନ ବିଚାରପତି

**ଅନୁଗୁଳ ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ୨୧ ତାରିଖ ଶନିବାର ଦିନ ନବନିର୍ମିତ ଜିଲ୍ଲା କୋର୍ଟ ବିଲଡିଙ୍ଗର ଉଦଘାଟନୀ ସମାରୋହ ଅନୁଷ୍ଠିତ ହେବ। ଭାରତର ଉଚ୍ଚତମ ନ୍ୟାୟାଳୟର ମୁଖ୍ୟ ବିଚାରପତି ମାନ୍ୟବର ଦୀପକ ମିଶ୍ର ଏହି ନବନିର୍ମିତ କୋଠାକୁ ଉଦଘାଟନ କରିବାକୁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ଅବସରରେ ଅନୁଗୁଳ ଓକିଲ ସଂଘ ଏବଂ ଜିଲ୍ଲା ଦୌରାଜଜଙ୍କ ପକ୍ଷରୁ ଶ୍ରୀ ମିଶ୍ରଙ୍କୁ ଉଚ୍ଛସିତ ସମ୍ବର୍ଦ୍ଧନା ଦେବା ନିମନ୍ତେ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଛି । ଏହି ସମାରୋହରେ ଓଡିଶା ମୁଖ୍ୟ ନ୍ୟାୟାଳୟର ମୁଖ୍ୟ ବିଚାରପତି ବିନିତ ଶରଣ, ଅନ୍ୟତମ ବରିଷ୍ଠ ବିଚାରପତି ଡା.ଅକ୍ଷୟ କୁମାର ରଥ, ଡା.ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ପ୍ରମୁଖ ଯୋଗ ଦେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଅନୁଗୁଳ ଜିଲ୍ଲା ଦୌରାଜଜ ସୟ କେଶରୀ ସ୍ୱାଇଁ ଏବଂ ଅନ୍ୟସହକର୍ମୀମାନେ ମଧ୍ୟ ଏହି ସମାରୋହରେ ଉପସ୍ଥିତ ରହିବେ। ନୂତନ କୋର୍ଟ ବିଲଡିଂର ପ୍ରଥମ ମହଲାରେ ଫ୍ୟାମିଲି କୋର୍ଟ, ଏସଡିଜେଏମକୋର୍ଟ, ସବ ଜଜ୍ କୋର୍ଟ ଦ୍ୱିତୀୟ ମହଲାରେ ଜିଲ୍ଲା ଦୌରାଜଜ କୋର୍ଟ, ଅତିରିକ୍ତ ଜିଲ୍ଲା ଦୌରାଜଜ କୋର୍ଟ, ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ କୋର୍ଟ , ରେଜିଷ୍ଟ୍ରାର , ଏବଂ ତୃତୀୟ ମହଲାରେ ଜେଏମ୍ଏଫସି କୋର୍ଟ ଚାଲିବ ବୋଲି ସଂପାଦକ ଶ୍ରୀ ସାହୁ ପ୍ରକାଶ କରିଥିଲେ।